# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 March – 2026**

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେବ ମନ୍ କି ବାତ'ର ୧୩୨ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍, ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍, ପି.ଏମ୍.ଓ ଏବଂ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ୟୁଟ୍ୟୁବ ଚ୍ୟାନେଲରେ କାର୍ଯ୍ୟକ୍ରମର ଲାଇଭ ଷ୍ଟ୍ରିମିଂ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣ ପୁନଃ ପ୍ରସାରଣ କରାଯିବ।

## ମହାନଦୀ ବିବାଦ

ଓଡିଶା ଏବଂ ଛତିଶଗଡ ମଧ୍ୟରେ ମହାନଦୀ ଜଳବିବାଦ ମାମଲାର ଶୁଣାଣି ଗତକାଲି ଟ୍ରିବ୍ୟୁନାଲରେ ହୋଇଛି । ଓଡିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ । ଉଭୟ ରାଜ୍ୟ ନିଜ ନିଜର ବୈଷୟିକ ଦଳର ରିପୋର୍ଟ

ଟ୍ରିବ୍ୟୁନାଲରେ ଦାଖଲ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାମାସ ୧୧ ତାରିଖକୁ ଧାର୍ଯ୍ୟ ହୋଇଛି ।

# ରିଜର୍ଭ ବ୍ୟାଙ୍କ

ଭାରତୀୟ ରିଜର୍ଭ ବ୍ୟାଙ୍କ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ନୂତନ ନିୟମ ଲାଗୁ କରିଛି । ଆର୍ଥିକ ଦେଣନେଣକୁ ସୁଦୃଢ କରିବା ଲକ୍ଷ୍ୟ ନେଇ ଆରବିଆଇ ଏହି ପଦକ୍ଷେପ ଗ୍ରହଣ କରିଛି । ଆସନ୍ତା ମାସ ପହିଲାରୁ ଏହା ଲାଗୁ ହେବ । ନୂତନ ନିୟମ ଅନୁଯାୟୀ ପ୍ରତ୍ୟେକ କାରବାରରେ ଦୁଇପ୍ରକାର ପରିଚୟ ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ।

# ପିଏମ୍ ଇ-ଡ୍ରାଇଭ ଯୋଜନା

ପିଏମ୍ ଇ-ଡ୍ରାଇଭ ଯୋଜନାକୁ ସଂଶୋଧନ କରି କେନ୍ଦ୍ର ସରକାର ଇ-ସ୍କୁଟର ଏବଂ ଇ-ରିକ୍ସା ପାଇଁ ନୂତନ ସମୟସୀମା ଧାର୍ଯ୍ୟ କରିଛନ୍ତି । ଏଥିସହ ଯାନଗୁଡିକ ସର୍ବାଧିକ ଇନ୍ସେନଟିଭ ମୂଲ୍ୟ ନିର୍ଦ୍ଧାରିତ ହୋଇଛି । ଏହି ଯୋଜନା ଅଧୀନରେ ମୋଟ ୧୦ହଜାର ୯ଶହ କୋଟି ଟଙ୍କାର ଇନ୍ସେନଟିଭ ପ୍ରଦାନ କରାଯିବା ନିଷ୍ପତ୍ତି ହୋଇଛି । ଅର୍ଥ ଶେଷ ହେବା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଭାରୀ ଶିଳ୍ପ ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଖଡିଛୁଆଁ କାର୍ଯ୍ୟକ୍ରମ

କନ୍ଧମାଳ ଜିଲ୍ଲା ଦୁତୀମେଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖଡିଛୁଆଁ କାର୍ଯ୍ୟକ୍ରମ ପାଇଁ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ବିଧାୟକ ଉମାଚରଣ ମଲ୍ଲିକ ଗତକାଲି ଆଖପାଖ ଅଞ୍ଚଳ ବୁଲି ନିମନ୍ତ୍ରଣପତ୍ର ବାଣ୍ଟିବା ସହ ଶିଶୁବାଟିକାରେ ନାମଲେଖା ପାଇଁ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ  ଅନୁରୋଧ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ନବନିର୍ମିତ ଏଫ.ଏଲ.ଏନ୍ ଶ୍ରେଣୀ ଗୃହକୁ ବିଧାୟକ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି ।

# ସମୀକ୍ଷା ବୈଠକ

ରାଜ୍ୟ ଜଙ୍ଗଲ, ପରିବେଶ,ଜଳବାୟୁ ପରିବର୍ତ୍ତନ ଓ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଗତକାଲି ନୟାଗଡ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ନେଇ ସମୀକ୍ଷା  କରିଛନ୍ତି । ବିଭିନ୍ନ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ହିତାଧିକାରୀଙ୍କ ସହ ନିର୍ମାଣଧୀନ ପ୍ରକଳ୍ପ ଗୁଡିକ ସମ୍ପର୍କରେ ସେ ମତବିନିମୟ କରିଛନ୍ତି ।

# ସୁଭଦ୍ରା ଶକ୍ତିମେଳା

କେନ୍ଦ୍ରାପଡାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳାର ଗତକାଲି ପଞ୍ଚମ ସନ୍ଧ୍ୟାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ମହିଳା ସଶକ୍ତିକରଣ ତଥା ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ସେ ସୁଭଦ୍ରା ଯୋଜନା

ମାଧ୍ୟମରେ ମହିଳାଙ୍କ ଆତ୍ମନିର୍ଭରଶୀଳତା ଉପରେ ଆଲୋକପାତ କରିଥିଲେ ।

## ଶ୍ରୀରାମନବମୀ ଯାତ୍ରା

ନୟାଗଡ ଜିଲ୍ଲା ଓଡଗାଁ ଶ୍ରୀ ରାଘୁନାଥଜୀଉ ପୀଠରେ ଶ୍ରୀରାମନବମୀ ଯାତ୍ରା ସମାରୋହ ପୂର୍ବକ ଚାଲିଛି । ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରୁ  ଶ୍ରଦ୍ଧାଳୁଙ୍କର ଭିଡ ପରିଲକ୍ଷିତ ହେଉଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଠାକୁରଙ୍କର ଦର୍ଶନ ଚାଲୁଛି । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ରାମନବମୀ ମହୋତ୍ସବ

ଭଦ୍ରକ ଜିଲ୍ଲା ତିହିଡିଠାରେ ଚାଲିଥିବା ଶ୍ରୀରାମ ଦଶମୀ ମହୋତ୍ସବ ଗତ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏଥିରେ ଯୋଗଦେଇ ରାମନବମୀ ମହୋତ୍ସବର ସାଂସ୍କୃତିକ ତଥା ସାମାଜିକ ପ୍ରଭାବ ଉପରେ ଆଲୋକପାତ କରିଛନ୍ତି ।

## ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ପୌରପରିଷଦ କାର୍ଯ୍ୟାଳୟଠାରେ ଗତକାଲି ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଗ୍ନିଶମ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଏଥିରେ ଯୋଗଦେଇ ଉପସ୍ଥିତ ଜନସାଧାରଣ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି ।

# ପୋଲ ନିର୍ମାଣ ପ୍ରସ୍ତାବ

ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ ଡମ୍ବଝର ଗ୍ରାମ ନଳାରେ ଏକ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଛି । ୧୫କୋଟି ୫୬ଲକ୍ଷ ୫୬ହଜାର ଟଙ୍କା ବ୍ୟୟବରାଦରେ ପ୍ରସ୍ତାବିତ ଏହି ପୋଲର ନିର୍ମାଣ କାର୍ଯ୍ୟ ମଞ୍ଜୁରୀ ପ୍ରଦାନ ପରେ ଆରମ୍ଭ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହା ଦ୍ୱାରା ୫ଟି ଗ୍ରାମପଞ୍ଚାୟତକୁ ଯୋଗାଯୋଗ ସୁଗମ ହୋଇପାରିବ ।

# ଖେଲୋ ଇଣ୍ଡିଆ

ଛତିଶଗଡରେ ଚାଲିଥିବା ଖେଲୋ ଇଣ୍ଡିଆ ଜନଜାତି କ୍ରୀଡା ପ୍ରତିଯୋଗିତା-୨୦୨୬ର ଗତକାଲି ଚତୁର୍ଥଦିନ ଖେଳରେ ଓଡିଶା ତିନୋଟି ସ୍ୱର୍ଣ୍ଣପଦକ ପାଇଛି । ମହିଳା ସନ୍ତରଣକାରୀଙ୍କୁ ବିଭିନ୍ନ ବର୍ଗରେ ଏହି ସଫଳତା ପାଇଛନ୍ତି । ଏଥି ସହ ଓଡିଶାର ପଦକ ସଂଖ୍ୟା ୨୦କୁ ବୃଦ୍ଧି ପାଇବା ସହ ଦଳଗତ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ସେଥିରେ ୭ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୧୦ଟି କାଂସ୍ୟପଦକ ଅର୍ନ୍ତଭୁକ୍ତ।

# ପୁଲିସ ସୁଟିଂ ପ୍ରତିଯୋଗିତା

ହରିୟାଣା ଗୁରୁଗାଁଓ ଠାରେ ଚାଲିଥିବା ୨୬ତମ ସର୍ବ ଭାରତୀୟ ପୁଲିସ ସୁଟିଂ ପ୍ରତିଯୋଗିତାରେ ଓଡିଶା ପୁଲିସ ଏପର୍ଯ୍ୟନ୍ତ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ମୋଟ ୧ହଜାର ୬୦୧ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ସିଆରପିଏଫ ପରିସରରେ ଗତ ୨୨ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତାକାଲି ଉଦ୍‌ଯାପିତ ହେବ ।